**ଚୋରା କାଠ ବୋଝେଇ ଗାଡ଼ି ଜବତ**

ବାଙ୍ଗିରିପୋଷି,(ଡି.ଏନ.ଏ.): ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ବନ ବିଭାଗ ସୋମବାର ଚୋରା କାଠ ବୋଝେଇ ଏକ ଗାଡ଼ି ଜବତ କରିଛି। ସନ୍ଧ୍ୟା ସମୟରେ ଏକ ଭ୍ୟାନ ଯୋଗେ କାଠ ଚାଲାଣ ହେଉଥିବା ଖବର ପାଇ ବନପାଳ ଲକ୍ଷ୍ମୀକାନ୍ତ ବେହେରାଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀମାନେ ଚଢ଼ାଉ କରି ଗାଡ଼ି ଜବତ କରିଥିଲେ। ଏଥିରେ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କାଠ ଚାଲାଣ ହେଉଥିଲା ବୋଲି ବନ ବିଭାଗ ସୂଚନା ଦେଇଛି।

## ସଂକ୍ଷେପରେ

### ରାସଗୋବିନ୍ଦପୁର ରେଞ୍ଜରେ ପଶିଲେ ୫୬ ହାତୀ

ମୋରଡ଼ା,୨୩।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ପୁଣି ୫୬ ଝାଡ଼ଖଣ୍ଡୀ ହାତୀ ରାସଗୋବିନ୍ଦପୁର ରେଞ୍ଜରେ ପ୍ରବେଶ କରିଛନ୍ତି। ସହକାରୀ ରେଞ୍ଜର ପ୍ରଶାନ୍ତ କୁମାର ବେହେରାଙ୍କ ସୂଚନା ଅନୁଯାୟୀ, ଦେଉଳି ରେଞ୍ଜରେ ପ୍ରବେଶ କରିଥିବା ଏହି ହାତୀପଲ କାନ୍ଦଣା, କଉଡିଆ ହେଇ ସୋମବାର ରାସଗୋବିନ୍ଦପୁର ରେଞ୍ଜର ଭାଲୁଘେରା ଜଙ୍ଗଲରେ ଡେରା ପକେଇଛନ୍ତି। ବନବିଭାଗ ହାତୀପଲ ଉପରେ ନଜର ରଖିଥିବା ବେଳେ ସେମାନଙ୍କୁ ପଶ୍ଚିମବଙ୍ଗକୁ ଘଉଡ଼ାଇ ଦିଆଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ହାତୀପଲ ଧାନଫସଲ ଖାଇ ନଷ୍ଟ କରିଥିବା ଜଣାପଡିଛି।

### ମହିଳାଙ୍କଠାରୁ ସୁନାଚେନ୍, ଟଙ୍କା ଲୁଟି ନେଲେ

ଆନନ୍ଦପୁର/ଘସିପୁରା, ୨୩।୫ (ସ୍ୱ.ପ୍ର./ଡି.ଏନ୍.ଏ.): କେନ୍ଦୁଝର ଜିଲା ଘସିପୁରା ଥାନା ନାରଙ୍ଗପୁର ଛକ ଠାରୁ କିଛି ଦୂରରେ ସୋମବାର ଅପରାହ୍ଣରେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନାଚେନ୍, ଟଙ୍କା ଓ ମଙ୍ଗଳସୂତ୍ର ଲୁଟିନେଇଥିବା ଅଭିଯୋଗ ହୋଇଛି। ଖବରପାଇ ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଝାଡକୁଣ୍ଡି ଗ୍ରାମର ଲିଜା ମହାନ୍ତି ନିଜ ଶ୍ୱଶୁର ଘର ବ୍ରାହ୍ମଣିପାଳ ଅଭିମୁଖେ ଆସୁଥିବା ସମୟରେ ନାରଙ୍ଗପୁର ଛକ ନିକଟରେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇ ବାଇକ୍‌ରେ ୫ ଦୁର୍ବୃତ୍ତ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେବା ସହିତ ୨୦ ହଜାର ଟଙ୍କା ଝାମ୍ପି ନେଇଥିଲେ। ସୁନାଚେନ ନ ଛିଡିବାରୁ ଦୁର୍ବୃତ୍ତମାନେ ମହିଳାଙ୍କୁ ଗାଡିରୁ ଠେଲିଦେଇ ଗୁଳି କରିବାର ଧମକ ଦେଇ ଲୁଟ୍ କରିଥିଲେ ବୋଲି ମହିଳା ପ୍ରକାଶ କରିଛନ୍ତି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବାହାନଗା,୨୩।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାହାସପୁରା ଗ୍ରାମର ଜଣେ ଯୁବକ ନିଜ ସମ୍ପର୍କୀୟ ବନ୍ଧୁଙ୍କ ଘରକୁ ଯାଇ ପୋଖରୀରେ ଗାଧୋଉଥିବା ବେଳେ ବୁଡିଯାଇ ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ ସାହିଲ୍ ସାହା(୨୦)। ସେ ବାହାନଗା ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ସୋମବାର ସକାଳେ ବଡପୋଖରୀରେ ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। କିଛି ସମୟ ପରେ ପାଣି ଭିତରୁ ତାଙ୍କୁ ଉଦ୍ଧାର କରାଯାଇ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଘରେ ପଶି ମୋବାଇଲ ଲୁଟ୍

ରୂପସା, ୨୩।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ସଦର ବ୍ଲକ ଅଧୀନ ବଡ଼ ଧନାଡି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ରବିବାର ରାତିରେ ପଶି ମହିଳାଙ୍କ ମୋବାଇଲ ଲୁଟ୍ ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ମୁତାବକ ତଦନ୍ତ ଜାରି ରଖିଛି।ସୂର୍ଯ୍ୟକାନ୍ତ ବାରିକଙ୍କ ସ୍ତ୍ରୀ ଗୀତାଞ୍ଜଳି ରାତିରେ ଘର କବାଟ ବନ୍ଦ କରି ଶୋଇଥିଲେ। କାନ୍ଥ କଣା କରି ଦୁର୍ବୃତ୍ତମାନେ ଘରେ ପଶି ମହିଳାଙ୍କ ମୋବାଇଲ ଲୁଟ୍ ନେଇଥିବା ଏତଲାରେ ଦର୍ଶାଯାଇଛି।

**ନାବାଳିକା ଅନ୍ତଃସତ୍ତ୍ୱା, ମାମଲା ରୁଜୁ**

ବାରିପଦା ଅଫିସ, ୨୩।୫-ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଞ୍ଚଳର ଜନୈକା ନାବାଳିକା ବଳାତ୍କାର ପରେ ଅନ୍ତଃସତ୍ତ୍ୱା ହେବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୪୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ନାବାଳିକା ଜଣକ ଏବେ ବାରିପଦା ପିଆର୍‌ଏମ୍ ଚିକିତ୍ସିତ ହେଉଛନ୍ତି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

### କୂଅରେ ପଡ଼ି ଯୁବକ ମୃତ

ବାଙ୍ଗିରିପୋଷି,୨୩।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ବୁଢ଼ୀଖମାରୀ ପଞ୍ଚାୟତର ଜଳଡିହା ଗ୍ରାମ ଖଡିଆସାହିକ ସ୍ଥିତ ଏକ ପରିତ୍ୟକ୍ତ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶତ୍ରୁଘ୍ନ ପାତ୍ର। କୂଅରେ ପଡ଼ିଥିବା ଏକ ଛେଳିକୁ ଉଦ୍ଧାର କରିବାକୁ ଯାଇ ସେ ଶ୍ୱାସରୁଦ୍ଧ ହୋଇ ପଡ଼ିଥିଲେ। ଖବରପାଇ ଦମକଳ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏସଂକ୍ରାନ୍ତରେ ବାଙ୍ଗିରିପୋଷି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଉଜ୍ଜ୍ୱଳ ଆଲୋକ ପାଇଁ ହାତୀ ବାଟବଣା

କେନ୍ଦୁଝର,୨୩।୫(ସ୍ୱ.ପ୍ର.)




ହାତୀମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଜଙ୍ଗଲାଞ୍ଚଳ ଦେଇ ଯାଇଥିବା ରାଜପଥ ଓ ଜାତୀୟ ରାଜପଥରେ ସୂଚନା ଫଳକ ଦର୍ଶାଇ ଯାତାୟାତ କରୁଥିବା ଲୋକ ଓ ଚାଳକଙ୍କୁ ସତର୍କ କରାଯାଉଛି । ଏଭଳି ସୂଚନା ଫଳକ ଏନ୍‌ଏଚ୍ ୪୯ର ବେଲଦା ଘାଟି ନିକଟରେ ଲାଗିଛି। ତେବେ ଏହି ଘାଟି ରାସ୍ତାରେ ହାତୀ ପଲ ଏପାଖରୁ ସେପାଖ ନିୟମିତ ଯାତାୟାତ କରନ୍ତି। ତେବେ ଏନ୍‌ଏଚ୍ ପ୍ରଶସ୍ତିକରଣ ଫଳରେ ଏବଂ ବହୁ ସଂଖ୍ୟାରେ ଗାଡ଼ି ଚଳାଚଳ କରୁଥିବାରୁ ହାତୀମାନେ ରାସ୍ତା ପାର ହେବା ବେଳେ ବିଚଳିତ ହୋଇ ଗାଁଗଣ୍ଡାରେ ପ୍ରବେଶ କରି ଉପଦ୍ରବ କରୁଛନ୍ତି। ତେବେ ବନ ବିଭାଗ ପକ୍ଷରୁ ସେମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ଏକ ଅଣ୍ଡରପାସ ନିର୍ମାଣ କରାଯାଇଥିଲେ ହେଁ ଚଲାପଥଠାରୁ ଦୂରରେ ନିର୍ମାଣ କରାଯାଇଥିବା ଏବଂ ସେଠାକୁ ଯିବା ପାଇଁ ପାହାଡ଼ ରାସ୍ତା ଥିବାରୁ ଅନେକ ସମୟରେ ହାତୀମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ସ୍ଥାନରେ ଯାତାୟାତ କରୁଥିବା ଲାଇନ ଟ୍ରକ୍, ଟ୍ରେଲର ଆଦିଙ୍କ ପାର୍କିଂ ପାଇଁ ହାଇୱେ ନିର୍ମାଣ କରାଯାଇଥିବାରୁ ରାସ୍ତା ଅଧିକ ପ୍ରଶସ୍ତ ହୋଇଥିବାରୁ ହାତୀମାନେ ରାସ୍ତା ଅତିକ୍ରମ କରିପାରୁ ନାହାନ୍ତି। ଏହାବ୍ୟତୀତ ଉକ୍ତ ରାସ୍ତାରେ ବହୁ ସଂଖ୍ୟାରେ ଉଜ୍ଜ୍ୱଳ ଆଲୋକ ଲଗାଯାଇଥିବାରୁ ହାତୀମାନେ ରାତିରେ ପଥଭ୍ରଷ୍ଟ ହୋଇପଡୁଛନ୍ତି। ଏଣୁ ରାସ୍ତା ନିର୍ମାଣ ସମୟରେ ଏସବୁ ଦିଗକୁ ଦୃଷ୍ଟି ଦିଆଯିବା ଜରୁରୀ ଥିଲା। ଯାହାଫଳରେ ହାତୀମାନେ ଅନ୍ଧାର ରାତିରେ ସୁରକ୍ଷିତ ଭାବେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାତାୟାତ କରିପାରିଥାନ୍ତେ ବୋଲି ପରିବେଶବିତ ଡ. ବିଦ୍ୟାଧର ବେହେରା କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଦେଇ ଜଙ୍ଗଲ ଓ ପାହାଡ଼ ଅଞ୍ଚଳ ମଧ୍ୟରେ ବ୍ୟସ୍ତବହୁଳ ଦୁଇଟି ଜାତୀୟ ରାଜପଥ ଯାଇଛି। ରାସ୍ତା ପ୍ରଶସ୍ତିକରଣ ଯୋଗୁ ହାତୀ ଚଲାପଥ ସବୁ ନଷ୍ଟ ହୋଇଯାଇଛି । ଫଳରେ ହାତୀମାନେ ପଥଭ୍ରଷ୍ଟ ହୋଇ ଏଣେ ତେଣେ ଯାତାୟାତ କରି ଉପଦ୍ରବ କରୁଛନ୍ତି । ଉପଯୁକ୍ତ ପରାମର୍ଶ ନ ନେଇ ଏଭଳି ରାସ୍ତା ନିର୍ମାଣ ଓ ଅଣ୍ଡରପାସ ନିର୍ମାଣ ହୋଇଥିବାରୁ ହାତୀମାନଙ୍କ ପାଇଁ ସମସ୍ୟା ବଢୁଛି ବୋଲି ପରିବେଶବିତମାନେ ମତବ୍ୟକ୍ତ କରୁଛନ୍ତି। ବନ ବିଭାଗ ବିଭିନ୍ନ ସ୍ଥାନରେ ହାତୀ ଚଲାପଥ ଲିଖିତ ସୂଚନା ଫଳକ ମାରି ଦାୟିତ୍ୱ ଶେଷ କରୁଥିବା ବେଳେ ଏନେଇ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି ହେଉଛି।

# ରେଲୱେ-ବନ ବିଭାଗ ସମନ୍ୱୟ ବୈଠକ

କେନ୍ଦୁଝର,୨୩।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବେହେରା ହାଟିଂରେ ଗତ ୧୯ତାରିଖ ସନ୍ଧ୍ୟାରେ ଘଟିଥିବା ରେଳ ଦୁର୍ଘଟଣାରେ ଏକ ଗର୍ଭବତୀ ମାଈ ହାତୀ ଓ ଦୁଇ ଛୁଆ ହାତୀଙ୍କ ମୃତ୍ୟୁ ପରେ ବନ ବିଭାଗକୁ ହାତୀଙ୍କ ସୁରକ୍ଷା ଚିନ୍ତା ଘାରିଛି। ବହୁ ସତର୍କତା ପଦକ୍ଷେପ ଗ୍ରହଣ ପରେ ମଧ୍ୟ ଏଭଳି ଘଟିଥିବାରୁ ରେଲୱେ ଓ ବନ ବିଭାଗର ସମନ୍ୱୟର ଅଭାବ ଯୋଗୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହେଉଛି । ଏଣୁ ବନ ଓ ରେଳ ବିଭାଗ ମଧ୍ୟରେ ସମନ୍ୱୟକୁ ଦୃଢ଼ କରିବା ପାଇଁ ସୋମବାର ଏକ ବୈଠକ କେନ୍ଦୁଝର ଡିଏଫଓ ଧନରାଜ ଏଚ୍.ଡିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର ଜିଲା ଦେଇ ଯାଇଥିବା ପୂର୍ବତଟ ରେଲୱେ ଓ ଦକ୍ଷିଣପୂର୍ବ ରେଲୱେର ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇ ହାତୀ ସୁରକ୍ଷା ଉପରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ।

ଆପାତକାଳୀନ ସମୟରେ ବନ ବିଭାଗ ପକ୍ଷରୁ ନାଲି ପତକା ଓ ନାଲି ସ୍ୱଚ ଲାଇଟ୍ ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ଜିଲାରେ ପୂର୍ବତଟ ରେଲୱେ ଅଧୀନରେ ୯ଟି ଓ ଦକ୍ଷିଣପୂର୍ବ ରେଲୱେ ଅଧୀନରେ ୫ଟି ରେଳ ଷ୍ଟେସନ ରହିଛି। ବିଶେଷ କରି ଡାଙ୍ଗୁଆପଶି ଷ୍ଟେଶନରେ ଗୋଟିଏ କଣ୍ଟ୍ରୋଲ ରୁମ ପ୍ରତିଷ୍ଠା କରିବା ସହ ଏହାର କାମକାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବ୍ୟାରିକେଡ୍,

**ହାତୀମୃତ୍ୟୁ ରୋକିବା ଚିନ୍ତା**

ଅଣ୍ଡରପାସ ଓ ଓଭରପାସ କରିବା ସହ ହାତୀ ଚଳାଚଳକୁ ନେଇ ସତର୍କତା ସୂଚନା ଫଳକ ବସାଇବାକୁ କୁହାଯାଇଥିଲା। ଦକ୍ଷିଣପୂର୍ବ ରେଲୱେ ପକ୍ଷରୁ ହାତୀ ଚଳାଚଳ ନିମନ୍ତେ ଅଣ୍ଡରପାସ ଏବଂ ଓଭରପାସ ଚିହ୍ନଟ କରିବା ସହ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବାରିକେଡ୍ ନିର୍ମାଣ ଆଦି କରାଯିବ। ଲୋକ ପାଇଲଟ ଓ ଷ୍ଟେଶନ ମାଷ୍ଟରଙ୍କୁ ହାତୀମାନଙ୍କର ବ୍ୟବହାର ଓ ଚଳପ୍ରଚଳ ସମ୍ପର୍କରେ ସଚେତନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହାପୂର୍ବରୁ ୨୦୧୮ ମସିହା ନଭେମ୍ବର ମାସରେ ରାମଚନ୍ଦ୍ରପୁର ନିକଟରେ ମାଲବାହୀ ଟ୍ରେନ୍ ଧକ୍କାରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିବାବେଳେ ୨୦୨୧ ମସିହା ମେ' ୮ତାରିଖରେ ଶଗଡ଼ପଟା-ଟାଙ୍ଗିରିଆପାଳ ନିକଟରେ ଟ୍ରେନ ଧକ୍କାରେ ଏକ ହାତୀର ମୃତ୍ୟୁ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳବାଇ ଖୋର୍ଦ୍ଧାରୋଡର ସିନିୟର ଡିଭିଜିନାଲ ଅପରେଶନାଲ ମ୍ୟାନେଜର କେ.ସନ୍ଦିପ, କେନ୍ଦୁଝରଗଡଠାରେ ଥିବା ପୂର୍ବତଟ ରେଲୱେ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର ବିଜୟ ପାଲ, କେନ୍ଦୁଝରଗଡଠାରେ ଥିବା ପୂର୍ବତଟ ରେଳବାଇର ଡିଭିଜନାଲ ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରାଉତ, ଚକ୍ରଧରପୁର ଦକ୍ଷିଣ-ପୂର୍ବ ରେଲୱେ ଆସିଷ୍ଟାଣ୍ଟ ମ୍ୟାନେଜର ବିନୟ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ।

**କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗ**

# ମାସେ ସମୟ ନେଲା ପ୍ରଶାସନ

କେନ୍ଦୁଝର/ଚମ୍ପୁଆ, ୨୩।୫ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଠାରେ ଅନୁମୋଦିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ପ୍ରଶାସନର ଟାଳଟୁଳ ନୀତି ଏବଂ ଅସହଯୋଗ ବିରୋଧରେ ଚମ୍ପୁଆ ବିକାଶ ପରିଷଦ ଦେଇଥିବା ୩ ଦିନିଆ ବନ୍ଦ ଡାକାରା ସୋମବାର ଠାରୁ ଆରମ୍ଭ ହୋଇଛି। ସକାଳ ୬ ଟାରୁ ଏହି ୩ ଦିନିଆ ବନ୍ଦ ଡାକରା ଆରମ୍ଭ କରାଯାଇଛି। ଯାନବାହନ ଠାରୁ ଆରମ୍ଭ କରି ଦୋକାନ ବଜାର ଏବଂ ଅଫିସ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିବା ବେଳେ ଚମ୍ପୁଆ ଅଞ୍ଚଳର ପ୍ରସିଦ୍ଧ ବିଭିନ୍ନ ସଂଗଠନ ଓ ଜନସାଧାରଣ ବିପୁଳ ସମର୍ଥନ ଜଣାଇଛନ୍ତି। ସୂଚନା ଅନୁସାରେ ୨୦୧୯ ମସିହାରୁ ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସ୍ତାବିତ ହୋଇଥିଲା ଏବଂ ଏନେଇ ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ଯୋଗାଇ ଦିଆଯାଇଥିଲା। ଏହା ସହିତ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଆବଶ୍ୟକ ଜମି ଯୋଗାଇଦେବାକୁ ପ୍ରଶାସନ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର ଚମ୍ପୁଆ ବିକାଶ ପରିଷଦ ଅଭିଯୋଗ ଅନୁସାରେ ପ୍ରଶାସନ ପକ୍ଷରୁ ଚଞ୍ଚକତା କରାଯାଇ ଏହାକୁ ଚମ୍ପୁଆ ଠାରୁ ୧୦ କି.ମି. ଦୂର କାଳିକାପ୍ରସାଦ ଠାରେ କରାଯିବାକୁ ମସୁଧା ଚଳାଇଥିବାରୁ ଏହାକୁ ବିରୋଧ କରି ବନ୍ଦ ଡାକରା ଦେଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଏନେଇ ଦୀର୍ଘ ସମୟ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ଏକ ମାସ ସମୟ ନେବା ପରେ ଆନ୍ଦୋଳନ ସ୍ଥଗିତ ରହିଛି।

### ଯୋଗଦେଲେ ଚମ୍ପୁଆର ନୂତନ ରେଞ୍ଜର୍

କେନ୍ଦୁଝର, ୨୩।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଚମ୍ପୁଆ ରେଞ୍ଜ୍‌ରେ ଦୀର୍ଘ ବର୍ଷ ପରେ ରେଞ୍ଜ୍ ଅଧିକାରୀ ଭାବେ ଅଜୟ ଚନ୍ଦ୍ର ପଣ୍ଡା ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ବନ ବିଭାଗ ଚିଠି (ନଂ.୯୦୧୬/୧୭।୫।୨୦୨୨)ରେ ତାଙ୍କର ବଦଳି ଆଦେଶ ହୋଇଛି। ସେ ପୂର୍ବରୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ରାଉରକେଲା ସର୍କଲରେ ନିଯୁକ୍ତ ହୋଇଥିଲେ। ସେ ବଡ଼ବିଲ ରେଞ୍ଜର ଭାବେ ଅତିରିକ୍ତ ଦାୟିତ୍ୱରେ ମଧ୍ୟ ରହିବେ ବୋଲି କହିଛନ୍ତି । ଦୀର୍ଘ ବର୍ଷ ହେଲା ଏହି ଦୁଇ ରେଞ୍ଜ୍ ଖାଲି ପଡିଥିବା ବେଳେ ତଳିଆ କର୍ମଚାରୀଙ୍କ ଦାୟିତ୍ୱରେ ଏହି ରେଞ୍ଜ୍ ଥିବାରୁ ଅସନ୍ତୋଷ ଦେଖାଦେଇ ଆସୁଥିଲା। ଝାଡ଼ଖଣ୍ଡ ରାଜ୍ୟ ସୀମାକୁ ଲାଗିଥିବା ଏହି ଦୁଇ ରେଞ୍ଜ୍ ଅଞ୍ଚଳରେ ଉପଯୁକ୍ତ ତଦାରଖ ଅଭାବରୁ ବ୍ୟାପକ ଜଙ୍ଗଲ, ଖଣିଜ ପଥର ଚୋରି ଓ ଜଙ୍ଗଲାଞ୍ଚଳରେ ଖଣି ଚୋରାକାରବାର ଚାଲିଥିବା ନେଇ ଚର୍ଚ୍ଚାରେ ରହିଥିଲା। ତେବେ ବିଳମ୍ବରେ ହେଉ ପଛେ ନୂତନ ଭାବେ ରେଞ୍ଜ୍ ଅଧିକାରୀ ନିଯୁକ୍ତିକୁ ନେଇ ପରିବେଶବିତ ତଥା ବନ୍ୟଜନ୍ତୁ ପ୍ରେମୀମାନେ ଆଶ୍ୱସ୍ତ ହୋଇଛନ୍ତି।

# ଜିଆର୍‌ଏସ୍‌ଙ୍କୁ ଗିରଫ ଦାବିରେ ଧାରଣା



ଏସ୍‌ପିଙ୍କ ଅଫିସ ଆଗରେ ଲୋକେ ଧାରଣା ଦେଇଛନ୍ତି।

ଭଦ୍ରକ ଅଫିସ, ୨୩।୫

ଭଦ୍ରକ ସଦର ବ୍ଲକ ବାଣିତିଆ ପଞ୍ଚାୟତର ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ଜିଆର୍‌ଏସ୍‌ଙ୍କୁ ଗିରଫ ଦାବିରେ ଶତାଧିକ ମହିଳା ଓ ପୁରୁଷ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରକାଶ ଯେ, ପଞ୍ଚାୟତର କାଡ଼ାନାଳ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ବିବାଦ ଆରମ୍ଭ ହୋଇଥିଲା। ପରେ ଏହି ବିବାଦ ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହି ଘଟଣାରେ ବୁଝାମଣା ପାଇଁ ଗତ ୧୪ ତାରିଖରେ ଥାନାକୁ ଆସୁଥିବା ବେଳେ ରାସ୍ତାରେ ସରପଞ୍ଚ ଦାମୋଦର ମହଲାଙ୍କୁ ଜିଆର୍‌ଏସ୍ ଭାଗୀରଥି ପ୍ରଧାନ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସରପଞ୍ଚ ମହଲା ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ଏନେଇ ଥାନାରେ ମାମଲା (ନଂ.୨୪୨/୨୨) ରୁଜୁ କରାଯାଇଛି। ଘଟଣାକୁ ୧୦ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ପଞ୍ଚାୟତବାସୀଙ୍କ ପକ୍ଷରୁ ପ୍ରତିବାଦ ସହ ଧାରଣା ଦିଆଯାଇଥିଲା। ୪ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ୬୩ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି

ପାଟଣା,୨୩।୫(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପରିସରରେ ସୋମବାର ୬୩ଜଣ ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ କନିଷ୍ଠ ଶିକ୍ଷକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ସମ୍ମାନନୀୟ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସେଠି, ଗୌରାଙ୍ଗ ଚରଣ ଖିଲାର, ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି, କନିଷ୍ଠ ଶିକ୍ଷକ ସଂଘ ସଭାପତି ହୀରାଲାଲ ଦଣ୍ଡପାଟ, ସମ୍ପାଦକ ଲଳିତ କୁମାର ମହାନ୍ତ, କୋଷାଧ୍ୟକ୍ଷ ଚନ୍ଦନ କୁମାର ରାଉତଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ମାନେ ଉପସ୍ଥିତ ଥିଲେ।

# 'କାହାଣୀ'ର ପ୍ରଥମ କବିତା ଲାଗି ପୁରସ୍କୃତ ହେବେ କବି ଶ୍ରୀଦେବ

ବାଲେଶ୍ୱର ଅଫିସ, ୨୩।୫

ବାଲେଶ୍ୱର ଜିଲାର ବିଶିଷ୍ଟ କବି ଶ୍ରୀଦେବଙ୍କୁ ଅଗ୍ରଣୀ ଓଡ଼ିଆ ସାହିତ୍ୟ ପତ୍ରିକା 'କାହାଣୀ'ର ବିଂଶବର୍ଷ ସାରସ୍ୱତ ସମାବେଶ ଅବସରରେ 'କାହାଣୀ'ର ପ୍ରଥମ କବିତା ଲାଗି ପୁରସ୍କୃତ କରାଯିବାର ଘୋଷଣା କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆସନ୍ତା ୨୬ତାରିଖ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ବିଶିଷ୍ଟ କଥାକାର, ଶିଶୁ ସାହିତ୍ୟିକ, ସମ୍ପାଦକ, ଚିତ୍ରକରଙ୍କୁ ସମ୍ବର୍ଦ୍ଧନା ତଥା ପୁରସ୍କାର ପ୍ରଦାନ କରିବେ। 'ଚନ୍ଦ୍ରଭାଗା' ପତ୍ରିକାର ପ୍ରତିଷ୍ଠାତା କବି ଶ୍ରୀଦେବ ଓଡ଼ିଆ କବିତାର ଭିନ୍ନକ୍ଷେତ୍ରରେ ନିଜର ଶୈଳୀ ସ୍ୱତନ୍ତ୍ରତାକୁ ନିରୂପଣ କରି ବିଭିନ୍ନ ଅନୁଷ୍ଠାନ ତରଫରୁ ଏକାଧିକ ପୁରସ୍କାର ପାଇ ସମ୍ବର୍ଦ୍ଧିତ ହୋଇଛନ୍ତି। ସମ୍ଭ୍ରାନ୍ତଶୀଳ 'କାହାଣୀ' ପତ୍ରିକାରେ କବିତାରେ କାହାଣୀର ଉପସ୍ଥିତିକୁ ଅଦ୍ୟାବଧି ନିରବଚ୍ଛିନ୍ନ ଉପସ୍ଥାପନ କରିପାରିଛନ୍ତି।



କବି ଶ୍ରୀଦେବ

# ବାସି ଖାଦ୍ୟ ବିକ୍ରି: ଜନସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

କେନ୍ଦୁଝର, ୨୩।୫(ଡି.ଏନ୍.ଏ.)

କେନ୍ଦୁଝର ସହର ସ୍ଥିତ ସିରାଜୁଦ୍ଦିନ ଛକ ନିକଟସ୍ଥ ଜଣାଶୁଣା ମିଠା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବିକୁଥିବା ନାନୀ ହୋଟେଲରେ ରବିବାର ବାସି ଖାଦ୍ୟ ବିକ୍ରି ଅଭିଯୋଗରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଜଣେ ଗ୍ରାହକ ଉକ୍ତ ଦୋକାନରୁ ସିଙ୍ଗଡା କିଣି ନିଜ ଘରକୁ ନେବାପରେ ନିଜ ପିଲାଙ୍କୁ ଦେଇଥିଲେ। ସେଥିରେ ଫିମ୍ପି ଲାଗିଥିବା ବେଳେ ତାକୁ ଖାଇ ତାଙ୍କ ଛୁଆମାନେ ବାନ୍ତି କରିବାରୁ ବ୍ୟକ୍ତି ଜଣକ ଖାଦ୍ୟକୁ ଆଣି ଫେରାଇ ଦେଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଲଲାଟେନ୍ଦୁ ନାଏକ ଉକ୍ତ ହୋଟେଲକୁ ଯାଇ ବିଭିନ୍ନ ଖାଦ୍ୟ ସାମଗ୍ରୀ ତଥା ମସଲା, ତେଲର ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଛନ୍ତି। ତାଙ୍କର ମତାମତ ନେବାରୁ ସେ କହିଛନ୍ତି ଯଦି ଖାଦ୍ୟ ସାମଗ୍ରୀରେ ଅପମିଶ୍ରଣ ତଥା ବାସି ବୋଲି ପରୀକ୍ଷାରେ ପ୍ରମାଣ ମିଳେ ତେବେ ଜିଲା ପ୍ରଶାସନର ଅନୁମତି ନେଇ ଆମେ ଉକ୍ତ ହୋଟେଲକୁ ସିଲ୍ କରିବୁ । ଏପରିକି ଜିଲାର ଅନେକ ରେଷ୍ଟୁରାଣ୍ଟ ଓ ହୋଟେଲର ଖାଦ୍ୟ ପ୍ରସ୍ତୁତି ବିଷୟରେ ନିୟମିତ ତଦାରଖ ସଠିକ୍ ଭାବେ ହେଉ ନ ଥିବା ସ୍ଥାନୀୟବାସୀ କହିଛନ୍ତି।

# ଓଡ଼ିଶା-ପଶ୍ଚିମବଙ୍ଗ ମୈତ୍ରୀ ଉତ୍ସବ ଉଦ୍‌ଘାଟିତ

ଭୋଗରାଇ, ୨୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ ବ୍ଲକ ମାନକୁଣ୍ଡା ହାଟପଡିଆରେ ରଙ୍ଗାରଙ୍ଗ ପରିବେଶରେ ସୋମବାର ସନ୍ଧ୍ୟାରେ ପ୍ରଥମବର୍ଷ ଓଡ଼ିଶା -ପଶ୍ଚିମବଙ୍ଗ ମୈତ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟି ସଭାପତି ତଥାଗତ ମିଶ୍ରଙ୍କ ପୌରୋହିତ୍ୟରେ କମିଟି ସଦସ୍ୟ ଘନଶ୍ୟାମ ପାଢ଼ୀ, ପ୍ରଦୀପ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗ ମତ୍ସ୍ୟମନ୍ତ୍ରୀ ଅଖିଳେଶ ଗିରି ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତବାସୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ସାଂସ୍କୃତିକ ଭାବଧାରା ନିଦର୍ଶନ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆର୍‌ଆଇଏଚ୍‌ଏସ ପ୍ରାଧ୍ୟାପକ ବିଜୟ କେତନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ବିଶ୍ୱରଞ୍ଜନ ମିଶ୍ର, ଖଲେକ କାଜି, ସରପଞ୍ଚ ସଂଗୀତା ମାହାନ୍ତି, ସଦସ୍ୟ ଅଞ୍ଜଳି ପାଢ଼ୀ, ନାଏବ ସରପଞ୍ଚ ସନ୍ତୋଷ କୁମାର ଗିରି ପ୍ରମୁଖ ଏହି ଉତ୍ସବ ସୀମାନ୍ତରେ ଭାଇଚାରା ବନ୍ଧନ ସେତୁ ବାନ୍ଧେ ବୋଲି ମତପ୍ରକାଶ କରିଥିଲେ। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜଳଦାନ କେନ୍ଦ୍ରରେ ଦହି ସରବତ ବଣ୍ଟନ

ବାଲେଶ୍ୱର ଅଫିସ, ୨୩।୫

ବାଲେଶ୍ୱର ଜିଲାପାଳଙ୍କ ଫାଟକ ପାର୍ଶ୍ୱରେ 'ସହାୟକ' ଓ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ସହଯୋଗରେ ଗତ ୫୩ ଦିନ ଧରି ପାନୀୟ ଜଳଦାନ କାର୍ଯ୍ୟକ୍ରମ ଜାରି ରହିଛି। ସୋମବାର ଦରଜୀ ପୋଖରୀ ନିକଟସ୍ଥ ମହିଳା ଯୋଗ ଶିବିର ସଦସ୍ୟାମାନେ ଏହି ଜଳଦାନ କେନ୍ଦ୍ରରେ ଦହିସରବତ ବଣ୍ଟନ କରିଥିଲେ। ଜଳଦାନ କେନ୍ଦ୍ର ପରିଚାଳନା କରୁଥିବା ଦୁଇ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ପୂର୍ବତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଓ ବର୍ତ୍ତମାନର ସଭାପତି ଇଂ. ବନମାଳୀ ନାୟକ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଜଳଦାନ କେନ୍ଦ୍ରରେ ତୃଷାର୍ତ୍ତ ପଥଚାରୀମାନଙ୍କୁ ଦହି ସରବତ ବଣ୍ଟନରେ ଉକ୍ତ ମହିଳା ଯୋଗ ସଙ୍ଗଠନ ସହଯୋଗ କରିଥିବାରୁ ସେମାନଙ୍କୁ ପ୍ରଶଂସା କରାଯାଇଥିଲା। ଯୋଗଗୁରୁ ସୁଜିତ୍ କୁମାର ଜେନାଙ୍କ ସମେତ କୁସୁମ ପାଣିଗ୍ରାହୀ, ମାନସୀ ଦାସ, ଅର୍ଚ୍ଚନା କର, ସୁପ୍ରଭା ପଣ୍ଡା, ରେଣୁକା ଜେନା, ଶାନ୍ତି ମହାନ୍ତି, ଶାନ୍ତି ପଟ୍ଟନାୟକ, ବୀଣାପାଣି ଦାସ, ଲିପିକା ଦାସମହାପାତ୍ର, ସୁଜାତା ପାଲ୍, ସୁମିତ୍ରା ଧର, କମଳା ବେହେରା ଓ ସୁବାସିନୀ ପରିଡ଼ା ପ୍ରମୁଖ ପଥଚାରୀମାନଙ୍କୁ ଦହି ସରବତ ବଣ୍ଟନ କରିଥିଲେ।



ଜଳଦାନ କେନ୍ଦ୍ରରେ ଦହି ସରବତ ବଣ୍ଟନ କରାଯାଉଛି।

# ୫ ଘଣ୍ଟା ଅବରୋଧ କଲେ ଦୁଇ ବ୍ଲକ ବାସିନ୍ଦା

**ସୁଧୁରୁନି କପାସିଆ ରାସ୍ତାର ଦୁରବସ୍ଥା**

ଜଳେଶ୍ୱର, ୨୩।୫ (ଡି.ଏନ.ଏ.)

ଦୀର୍ଘବର୍ଷ ଧରି ଜଳେଶ୍ୱର ଓ ବାଲିଆପାଳ ବ୍ଲକର ଜୀବନରେଖା ଭାବେ ପରିଚିତ କପାସିଆ ରାସ୍ତା ଦୁରବସ୍ଥା ବଦଳୁ ନ ଥିବାରୁ ୨ବ୍ଲକର ବହୁ ପଞ୍ଚାୟତବାସୀ ୫ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ୨ ଦିନ ମଧ୍ୟରେ କାମ ଆରମ୍ଭ ହେବାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

ବାଲିଆପାଳ ଥାନା ଅଞ୍ଚଳରୁ ଜଳେଶ୍ୱର ଥାନାକୁ ଯାତାୟାତ ଲାଗି ତିଆରି ହୋଇଥିଲା କପାସିଆ ରାସ୍ତା । ଝାଡପିମ୍ପଳ ଅଞ୍ଚଳରେ ବ୍ୟାପକ କପାଚାଷ ହେଉଥିବାରୁ ଏହାର ରପ୍ତାନୀ ଲାଗି ଏହି ରାସ୍ତା ବ୍ୟବହାର ହେଉଥିବାରୁ ଏହାର ନାମ କପାସିଆ ବାଣିଜ୍ୟିକ ରାସ୍ତା ରଖାଯାଇଥିଲା। ଏହି ରାସ୍ତା ଦୁର୍ଗମ ଥିବାରୁ ୨୦୧୪ରେ ତତ୍କାଳୀନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା ଓ ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ମୋଟ ୧୫ କି.ମି. ରାସ୍ତାରୁ ପ୍ରଥମ ପର୍ଯ୍ୟାୟରେ ୫ କି.ମି. ରାସ୍ତା ଲାଗି ୫କୋଟି ବ୍ୟୟବରାଦ ହୋଇଥିଲା । ସେହିପରି ୨୦୧୮ରେ ଅନ୍ୟ ୫ କି.ମି. ଲାଗି ୬.୫ କୋଟି ଟଙ୍କା ବ୍ୟୟ ହୋଇ ରାସ୍ତା ନିର୍ମାଣ ଶେଷ ହୋଇଛି । ଅନ୍ୟ ୫ କି.ମି ରାସ୍ତା ଦୀର୍ଘବର୍ଷ ଧରି ଖାଲଖମାରେ ଭର୍ତ୍ତି ହୋଇଛି। ଏହାର ମରାମତି ଲାଗି ପଦକ୍ଷେପ ନିଆଯାଉନାହିଁ। ୩ବର୍ଷ ପୂର୍ବେ ରାସ୍ତାକୁ ଠିକା ନେଇଥିବା ଠିକାଦାରଙ୍କ ମୃତ୍ୟୁ ହେବା ପରେ ସେହିପରି ପଡିରହିଛି। ଜଳେଶ୍ୱରର ବର୍ତ୍ତନା, ଖୁଲୁଡା, ପଶ୍ଚିମବାର୍ଡ, ଦେବକୁମାର, ବାଇଗଣବାଡିଆ, ଝାଡପିମ୍ପଳ ଓ ବାଲିଆପାଳର ୮ଟି ପଞ୍ଚାୟତର ଲୋକେ ଏହି ରାସ୍ତାରେ ଯାତାୟାତ କରିଥାନ୍ତି । ଡଗରା ବେଳାଭୂମିଠାରୁ ପୂର୍ବ ଓ ପଶ୍ଚିମ ମେଦିନୀପୁର ଯିବା ଲାଗି ଏହି ରାସ୍ତା ବ୍ୟବହାର ହୋଇଥାଏ । ବାଲିଆପାଳ ଓ ସିଂଲା ଅଞ୍ଚଳରୁ ଜଳେଶ୍ୱର ଷ୍ଟେଶନକୁ ଯିବା ଲାଗି ଏହା ଏକମାତ୍ର ରାସ୍ତା। ଏହି ରାସ୍ତାରେ ପ୍ରତ୍ୟହ ହଜାର ହଜାର ଦୁଇଚକିଆ ଓ ୪ଚକିଆ ଯାନ ଯିବା ଆସିବା କରିଥାଏ । ପୂର୍ବ ସୂଚନା ଅନୁଯାୟୀ ସୋମବାର ସକାଳେ ଉତ୍ସବ ଚରଣ ଗାଜିଆଣି ଚଣ୍ଡି ଉଚ୍ଚ ମାଧ୍ୟମିକ ସ୍କୁଲ ଓ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା। ପୂର୍ବତନ ସରପଞ୍ଚ ପଦ୍ମଲୋଚନ ବେହେରା, ପଞ୍ଚାୟତ ସମିତି ସଦସ୍ୟ ତ୍ରିଲୋଚନା ଦାସ, ବିନୋଦ ମାରାଣ୍ଡି, ସରପଞ୍ଚ ଶମ୍ଭୁନାଥ ଜେନା, ରାଧାରମଣ ଦାସ, ସୁଧୀର କୁମାର ସାମଲ, ଅଞ୍ଜନ କୁମାର ପ୍ରମାଣିକ, ବାଙ୍ଗରା ମାରାଣ୍ଡି, ଭବାନୀ ଶଙ୍କର ଜେନା, ଭୂପତି ମିର୍ଦ୍ଧା, ସମିତି ସଦସ୍ୟ ହରିଶଚନ୍ଦ୍ର ମହାଳିକ, ହେମନ୍ତ ଗିରି, ରାଜୀବଲୋଚନ ପରିଡା ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିଲା । ପୂର୍ତ୍ତ ବିଭାଗର ସ୍ଥାନୀୟ ଅଧିକାରୀ ନିହାର ରଞ୍ଜନ ବେହେରା ପହଞ୍ଚି ୨ଦିନ ମଧ୍ୟରେ ୯କୋଟି ୮୭ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତ ଦେଇଥିଲେ। ୪କି.ମି. ୭୦୦ମିଟର ରାସ୍ତା ନବୀକରଣ ଓ ମରାମତି ହେବା ସହିତ ୪ଶହ ମିଟର ଜଳ ନିଷ୍କାସନ ରାସ୍ତା ନିର୍ମାଣ ହେବ ବୋଲି ବେହେରା ସୂଚନା ଦେବା ପରେ ରାସ୍ତା ଅବରୋଧ ହଟିଥିଲା।



ରାସ୍ତା ଅବରୋଧ ଯୋଗୁ ଯାନବାହନଗୁଡ଼ିକ ଅଟକି ରହିଛି।

## ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର

**ବୈଶିଙ୍ଗା,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ହାତୀଝୁରି ନିକଟରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବେତନଟୀ ଅଞ୍ଚଳର କାର୍ତ୍ତିକ ଚନ୍ଦ୍ର ବେହେରା। ସ୍କୁଟି ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଏକ ଷଣ୍ଢ ସାମ୍ନାକୁ ଚାଲିଆସିବା ଯୋଗୁ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

**ସଂକ୍ଷେପରେ**

### ୩ ଜୁଆଡି କୋର୍ଟଚାଲାଣ

**ଖଇରା, ୨୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରୁଗାଁରେ ରବିବାର ସନ୍ଧ୍ୟାରେ ଜୁଆଖେଳ ଚାଲୁଥିବା ବେଳେ ଖଇରା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୩ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ସାରୁଗାଁ ଗ୍ରାମର ନାରାୟଣ ରାଉତ, ଗନ୍ଧାଳି ଗ୍ରାମର ମୁନା ମୁଖି ଓ ଶୁଭକାନ୍ତ ମୁଖି। ସେମାନଙ୍କ ନିକଟରୁ ୧ହଜାର ୮୭୦ଟଙ୍କା ଓ ଏକ ତାସ୍ ଜବତ କରାଯାଇଛି। ଏ ସମ୍ପର୍କରେ ଖଇରା ଥାନାରେ ଏକ ମାମଲା (ନଂ.୧୪୦/୨୨) ରୁଜୁ କରାଯାଇଛି। ଏଭଳି ଚଢ଼ାଉ ପରେ ଖଇରା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

### କେନାଲ ବନ୍ଧରୁ ବାଇକ୍ ଚୋରି

**ରୂପସା, ୨୩।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ସଦର ବ୍ଲକ ପାଞ୍ଚପଡା କେନାଲ ବନ୍ଧରୁ ରବିବାର ରାତିରେ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ସୋମବାର ଘଟଣାର ତଦନ୍ତ ଆରମ୍ଭ କରିଛି। ପାଞ୍ଚପଡ଼ା ଗ୍ରାମର ପ୍ରଳୟ କୁମାର ଦାସ ରାତିରେ ନିଜ ଚିଙ୍ଗୁଡ଼ି ଗଡ଼ିଆକୁ ବାଇକ୍ ଯୋଗେ ଯାଇଥିଲେ। ବାଇକ (ନଂ. ଓଆର୦୧ଏନ୍-୯୪୭୩) କୁ ସେ କେନାଲ ବନ୍ଧରେ ରଖିଥିଲେ। ବିଳମ୍ବିତ ରାତିରେ ବାଇକ୍‌କୁ କେହି ଦୁର୍ବୃତ୍ତ ବନ୍ଧରୁ ନେଇ ପଳାଇଯାଉଥିବା ଦେଖି ପାଖ ଚିଙ୍ଗୁଡ଼ି ଗାଡ଼ିଆରେ କାମ କରୁଥିବା ଲୋକେ ଚିତ୍କାର କରିଥିଲେ ହେଁ ଚୋର ସେଠାରୁ ଚମ୍ପଟ ମାରିଥିଲା।

### ଦୁର୍ଘଟଣାରେ ୨ ଗୁରୁତର

**ସାରସକଣା, ୨୩।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ସୁବର୍ଣ୍ଣରେଖା ମୁଖ୍ୟ କେନାଲ ନିକଟରେ ଏକ ଦୁର୍ଘଟଣାର ୨ ଜଣ ଗୁରୁତର ହୋଇଛନ୍ତି। ଏକ ବୋଲେରୋ ସହ ବାଇକ୍ ମଧ୍ୟରେ ଦୁର୍ଘଟଣା ପରେ ଭାରସାମ୍ୟ ହରାଇ ବୋଲେରୋଟି ୨୦ ଫୁଟ ତଳକୁ ଖସି ଯାଇଥିଲା। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଝାଡ଼ଖଣ୍ଡ ଡୁମୁରିଆ ଥାନା ଖଇରବଣୀ ଗ୍ରାମର ରାକେଶ ନାଏକ, ଓ ବାଙ୍ଗରିପୋଷି ଥାନା ଅଧୀନ ବଡ଼ ନୂଆଗାଁ ଗ୍ରାମର ଜଗବନ୍ଧୁ ନାଏକ ଗୁରୁତର ହୋଇଛନ୍ତି। ଝାରପୋଖରିଆ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ବେଆଇନ ମଦ ବ୍ୟବସାୟ: ୬ ଗିରଫ

**ପାଟଣା, ୨୩।୫(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ସୋମବାର ପାଟଣା ଥାନା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ କଟକ ଅବକାରୀ ଗୋଇନ୍ଦା ସଂସ୍ଥା ଓ ପାଟଣା ଅବକାରୀ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରି ୧୮ ଶହ କିଗ୍ରା ପୋଚ ନଷ୍ଟ କରିବା ସହ ମୋଟ ୧୭୯ ଲିଟର ମହୁଲି ମଦ ଜବତ କରାଯାଇଛି। ବେଆଇନ ମଦ ବ୍ୟବସାୟ ସମ୍ପୃକ୍ତିରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ପାଟଣା ଥାନା ସୁନାରୀପଶିର ରବୀନ୍ଦ୍ର ମଣ୍ଡଳ, ଦେବେନ୍ଦ୍ର ମଣ୍ଡଳ, ଭାଲିଆଡିହାର ଗଜେନ୍ଦ୍ର ସୋରେନ , ପରେଶ ମୁର୍ମୁ, ଘଟଗାଁ ଥାନା ପୁରୁଣାପାଣିର ସଙ୍ଗୀତା ମାଝୀ, ତଣ୍ଡ ଗାଁ ଗନ୍ଧର ମାଝୀ। ଏହି ଚଢ଼ାଉରେ କଟକ ଫ୍ଲାଇଂ ସ୍କ୍ୱାଡର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଉମାକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅବକାରୀ ଇନ୍ସପେକ୍ଟର ସରୋଜ କୁମାର ପଣ୍ଡା ଓ ଷ୍ଟାଫ, ପାଟଣା ଅବକାରୀ ଥାନା ଅଧିକାରୀ ଜନାର୍ଦ୍ଦନ ପଲେଇ ଓ ଷ୍ଟାଫ ସାମିଲ ହୋଇ ଥିଲେ।

### ଭୂମିହୀନଙ୍କୁ ଜମି ପଟ୍ଟା ବଣ୍ଟନ

**ସୋର, ୨୩।୫(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ସହରାଞ୍ଚଳ ଭୂମିହୀନ ବସ୍ତିବାସିନ୍ଦାଙ୍କ ଥଇଥାନ ଲକ୍ଷ୍ୟରେ ୨୦୧୮ରୁ ଆରମ୍ଭ ହୋଇଥିବା ଜାଗା ମିଶନ ଯୋଜନାରେ ସୋର ମ୍ୟୁନିସିପାଲିଟି ଅଧୀନ କାଳିପଡିଆ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କାର୍ଯ୍ୟାଳୟ ପରିସରରେ କରାଯାଇଛି। ପୌରପାଳିକା ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୬୦ ଜଣ ଭୂମିହୀନ ପରିବାର ଚିହ୍ନଟ କରାଯାଇ ସେମାନଙ୍କୁ ଥଇଥାନ ଉଦ୍ଦେଶ୍ୟରେ ରାଉଳିଆପଦାକୁ ବିସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରୁ ସୋମବାର ୧୨ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ଅନ୍ୟ ଚିହ୍ନଟ ହିତାଧିକାରୀଙ୍କୁ ଆଉ ଦୁଇଟି ପର୍ଯ୍ୟାୟରେ ପଟ୍ଟା ବଣ୍ଟନ କରାଯିବ ବୋଲି ପୌର କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବଣ୍ଟନ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ମାଧବ ଧଡା, ଉପାଧ୍ୟକ୍ଷା ସସ୍ମିତା ଦାସ, ପୌର ଗୋଷ୍ଠୀ ସଂଗଠିକା ନିବେଦିତା ପାତ୍ରଙ୍କ ସହ ସମସ୍ତ ପୌର କର୍ମଚାରୀ ଓ ବସ୍ତିବାସିନ୍ଦା ଉପସ୍ଥିତ ଥିଲେ।

# କଳା ଧୂଆଁରେ ଲୋକେ ଅତିଷ୍ଠ

■ କବାଡ଼ିଆ ସାମଗ୍ରୀ ପୋଡ଼ା କାରଣ
■ ନଷ୍ଟ ହେଉଛି ପରିବେଶ

**ଧାମନଗର, ୨୩।୫(ଡି.ଏନ.ଏ.)**


ହବିବନଗର ଅଞ୍ଚଳରେ କବାଡ଼ିଆ ସାମଗ୍ରୀ ପୋଡ଼ାଯାଉଛି।

ଭଦ୍ରକ ଜିଲା ଧାମନଗର ବଜାର ଅଞ୍ଚଳରେ ଦିନକୁ ଦିନ କଳା ଧୂଆଁ ଯୋଗୁ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ଏଥିପ୍ରତି ପ୍ରଶାସନ କିମ୍ବା ପରିବେଶ ବିଭାଗ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏହି କଳା ଧୂଆଁର କାରଣ କବାଡ଼ିଆ ଦୋକାନ। ଧାମନଗର ଓ ଆଖପାଖ ଅଞ୍ଚଳରେ ବେଆଇନ ଭାବେ କବାଡ଼ିଆ ଦୋକାନ ଗଢ଼ି ଉଠିଛି। ଏହାକୁ ରୋକିବା ଦିଗରେ ପ୍ରଶାସନ ପଦକ୍ଷେପ ନେଉନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଧାମନଗର ଏନ୍‌ଏସିର ହବିବନଗର ଅଞ୍ଚଳରେ ଏକାଧିକ କବାଡ଼ିଆ ଦୋକାନ ଗଢ଼ି ଉଠିଛି। ବିଭିନ୍ନ ଚୋରି ସାମଗ୍ରୀ କିଣି ରାତାରାତି ଗାଏବ୍ କରିଦିଆଯାଉଛି। ଏମିତିକି ବିଭିନ୍ନ ଚୋରି ଟ୍ରକ୍, ବସ୍ ଓ ଅନ୍ୟାନ୍ୟ ମେଶିନାରୀ ଯନ୍ତ୍ରାଂଶ ଏଠାକୁ ଅଣାଯାଇ ଗ୍ୟାସ୍ କଟର ସାହାଯ୍ୟରେ କାଟି ବିକ୍ରି କରିଦିଆଯାଉଛି। କବାଡ଼ିଆ ସାମଗ୍ରୀ ମଧ୍ୟରୁ ରବର ଓ ପ୍ଲାଷ୍ଟିକ ସାମଗ୍ରୀକୁ ବିଭିନ୍ନ ସ୍ଥାନରେ ପୋଡ଼ାଯାଇ ଲୁହା ସବୁ ବାହାର କରାଯାଉଛି। ଏହି ପୋଡ଼ା ଯୋଗୁ ବାହାରୁଥିବା କଳା ଧୂଆଁରେ ଧାମନଗର ଅଞ୍ଚଳ ମେଘାଚ୍ଛନ୍ନ ଆକାଶ ଭଳି ଦେଖାଯିବା ସହ ଗଛ ପତ୍ର ସବୁ କଳା ଦେଖାଯାଉଛି। ଏପରିକି ଏହି କଳା ଧୂଆଁ ଯୋଗୁ ଲୋକେ ବିଭିନ୍ନ ରୋଗ ଓ ଚର୍ମ ରୋଗରେ ଆକ୍ରାନ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ବ୍ଲକର ଧାମନଗର ସମେତ ଦୋବଲ, ଖଡ଼ିପଦା, ପନ୍ଦରବାଟିଆ, ଧୂଷୁରୀ, ଜାହାଙ୍ଗିର ରୋଡ଼, ମୁଲ୍ଲାଣସାହି, ପଠାଣ ମହଲା, ଧାମନଗର ଛକ ପ୍ରମୁଖ ଅଞ୍ଚଳରେ କବାଡ଼ିଆ ଦୋକାନ ସବୁ ଖୋଲାଯାଇ କିଣାବିକା ଚାଲିଛି। ସେହିପରି ହବିବନଗର ଅଞ୍ଚଳ ରାସ୍ତାରେ ଟ୍ରକ୍‌ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଠିଆ କରି ଲୋଡ୍ ଅନଲୋଡ୍ ମଧ କରାଯାଉଛି। କେହି ପ୍ରତିବାଦ କଲେ ଓଲଟି ନାଲି ଆଖିର ଶିକାର ହେବାକୁ ପଡୁଛି। ପ୍ରଶାସନ ଦେଖି ମଧ୍ୟ ନିରବଦ୍ରଷ୍ଟା ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି। କିଛିଦିନ ତଳେ ଧାମନଗର ବିଇଓ ଅଫିସ, ମିଶନ ଶକ୍ତି ଅଫିସ, ଏନ୍‌ଏସି ଅଫିସ, ଆଧାର କେନ୍ଦ୍ର, ଧାମନଗର ପ୍ରେସ୍ କ୍ଲବ ତାଲା ଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିଲେ। ଏହି ଚୋରି ଘଟଣାରେ କେତେଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଧାମନଗର ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ଅଭିଯୋଗ ଆସିଲେ ଚଢ଼ାଉ କରାଯାଇ ଚୋରି ଜିନିଷ ଜବତ କରାଯାଉଛି। ତେବେ କବାଡ଼ିଆ ଦୋକାନୀମାନେ ଭଙ୍ଗା ସାମଗ୍ରୀ କିଣିବା ଉପରେ ସେମାନେ ରୋକ୍ ଲଗାଇ ପାରିବେ ନାହିଁ। ଏହାବ୍ୟତୀତ କବାଡ଼ିଆ ସାମଗ୍ରୀ ପୋଡ଼ା ଯୋଗୁ କଳାଧୂଆଁ ପରିବେଶ ନଷ୍ଟ ହେବା ଘଟଣାରେ ବିଭାଗ ଯାହା ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ତେବେ ପରିବେଶ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଜେଲ୍ ଗଲେ ଅଭିଯୁକ୍ତ

**ଶ୍ରମିକଙ୍କୁ ହତ୍ୟା ଉଦ୍ୟମ ମାମଲା**

**ରୂପସା, ୨୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପସା ଥାନା ଲଛମନଖୁଣ୍ଟା ଗ୍ରାମରେ ଟେଣ୍ଟ କରୁଥିବା ଜଣେ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ ସହ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୫୦/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତ ଅଧିକାରୀ ଏଏସ୍ଆଇ ସବ୍ୟସାଚୀ ମହାନ୍ତି ରବିବାର ଚଢ଼ାଉ କରି ଅଭିଯୁକ୍ତ ଜମୁ ଖାଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

ଜହଡା ଗ୍ରାମର ରବୀନ୍ଦ୍ର ପଲେଇ ଲଛମନଖୁଣ୍ଟା ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ ରାତିରେ ଟେଣ୍ଟ କାମ କରୁଥିଲେ। ସେହି ଗ୍ରାମର ବୁକା ଖାଁଙ୍କ ପୁଅ ଜମୁ ଖାଁ ଆସି ରବୀନ୍ଦ୍ରଙ୍କୁ ରାତିରେ କାହିଁକି କାମ ହେଉଛି ବୋଲି ପଚାରିଥିଲେ। ଦିନରେ ପ୍ରବଳ ଖରା ଯୋଗୁ ରାତିରେ ଟେଣ୍ଟ କାମ ହେଉଛି ବୋଲି କହିବା ସତ୍ତ୍ୱେ ଜମୁ ଖାଁ ଏକ ଶାବଳରେ ରବୀନ୍ଦ୍ରଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ମାରିଥିଲେ। ହେଲେ ଶାବଳଟି ତାଙ୍କ ହାତରେ ବାଜିଥିଲା। ଫଳରେ ଶ୍ରମିକଙ୍କର ହାତ ଭାଙ୍ଗି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଥାନାରେ ମାମଲା କଲେ ଅଭିଯୁକ୍ତ ଜଣକ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଏତଲାରେ ଦର୍ଶାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।

**ଉଦଳା, ୨୩।୫(ଡି.ଏନ.ଏ.)**

କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ଏସ୍‌ପି କେ.ଆର. ଦ୍ୟାନଦେଓଙ୍କ ଦ୍ୱାରା ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୪୦ ଅଭିଯୋଗର ଶୁଣାଣି ହୋଇଥିଲା। ଉପଜିଲାପାଳ ଭଗବାନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜନ ଅଭିଯୋଗ ଶୁଣାଣିର ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଶିଶୁରୋଗ ବିଶେଷଜ୍ଞ ଡା. ଲକ୍ଷ୍ମୀକାନ୍ତ ପତିଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୩୧ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଓ ୯ଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗର ଶୁଣାଣି ହୋଇଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ୨ଜଣଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଉପରେ ବିଚାର କରି ତାହାର ତୁରନ୍ତ ସମାଧାନ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଖତ ଖାଉଛି ଉଦ୍ଧାରକାରୀ ବୋଟ୍


ମନ୍ତେଇ ନଦୀ କୂଳରେ ଅଚଳ ହୋଇ ପଡ଼ିରହିଥିବା ବୋଟ୍।

**ପଦ୍ମପୁର, ୨୩।୫ (ଡି.ଏନ.ଏ.)**

ଭଦ୍ରକ ଜିଲାର ବନ୍ୟା ଓ ବାତ୍ୟା ପ୍ରପୀଡ଼ିତ ଅଞ୍ଚଳ ଭାବେ ଜଣାଶୁଣା ବାସୁଦେବପୁର ବ୍ଲକରେ ଥିବା ଏକମାତ୍ର ଉଦ୍ଧାରକାରୀ ବୋଟ୍ ଏବେ ଖତ ଖାଉଛି। ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜଗନ୍ନାଥପ୍ରସାଦ ପଞ୍ଚାୟତ ମନ୍ତେଇ ନଦୀର ଦଧିବାମନପୁରଠାରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ବୋଟ୍ ଯୋଗାଇ ଦିଆଯାଇଥିଲା। ଏଥିସହ ଜଣେ ଚାଳକଙ୍କୁ ବୋଟ୍‌ର ରକ୍ଷଣାବେକ୍ଷଣ ପାଇଁ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଉକ୍ତ ବୋଟ୍ ୨୦୨୦ରେ ଭାଙ୍ଗିରୁଜି ଯାଇଥିବା ବେଳେ ତତ୍କାଳୀନ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଏହାର ମରାମତି କରାଯାଇଥିଲା। ବୋଟ୍‌ଟି ପୁଣି ଭାଙ୍ଗିରୁଜି ଯାଇ କଳଙ୍କି ଲାଗି ଗଲାଣି। ଆଗକୁ ବର୍ଷାଋତୁ ଆସୁଥିବା ବେଳେ ବନ୍ୟା ବାତ୍ୟା ସମୟରେ ଲୋକଙ୍କୁ ସ୍ଥାନାନ୍ତର କରିବା ଲାଗି ଏହା ସକ୍ଷମ ହେବ ନାହିଁ। ଏଥିସହ ବୋଟ୍‌ର ତଦାରଖ କରୁଥିବା ଚାଳକଙ୍କୁ ବାଲିମେଦ ରାଜସ୍ୱ ସର୍କଲରେ କାମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ଦୁଇବର୍ଷ ଧରି ଏହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ଦିନକୁ ଦିନ ଏହି ବୋଟ୍‌ଟି ନଷ୍ଟ ହେବାକୁ ବସିଛି। ଏ ସମ୍ପର୍କରେ ତହସିଲଦାର ଅନିତା ନାୟକ କହିଛନ୍ତି, ଉକ୍ତ ବୋଟ୍‌ର ପୁନଃ ମରାମତି ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଛି। ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ।

## ଖୋଲିଲା ଧାନମଣ୍ଡି

**ମୋରଡ଼ା/ବୈଶିଙ୍ଗା, ୨୩।୫ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରଡ଼ା ଲ୍ୟାମ୍ପସ ଓ ବୈଶିଙ୍ଗାଠାରେ ରବି ଧାନ ମଣ୍ଡି ଖୋଲିଛି। ଚିତ୍ରଡ଼ା ଲ୍ୟାମ୍ପସରେ ଯୋଗାଣ ନିରୀକ୍ଷକ ପ୍ରଦୀପ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲ୍ୟାମ୍ପସର ନିର୍ଦ୍ଦେଶକ ବୀରପ୍ରତାପ ଶମ୍ଭୁ ନାରାୟଣ ରାଠୋର, ଚିତ୍ରଡ଼ା ପଞ୍ଚାୟତ ଭିଏଲ୍‌ଡବ୍ଲ୍ୟୁ ମମତା ରାଉତ, କୃଷି ଅଧିକାରିଣୀ ଲିଶା ପ୍ରିୟଦର୍ଶିନୀ ଏବଂ ଲ୍ୟାମ୍ପସ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମୋରଡା ତହସିଲଦାର ଅନନ୍ତ କୁମାର ହାଁସଦା ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି ବୈଶିଙ୍ଗାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମବାୟ ସମିତି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଭୁବନେଶ୍ୱର ବେହେରା, ଲ୍ୟାମ୍ପସ୍ କର୍ମଚାରୀ ମୁକୁନ୍ଦ ଦାସ, ନୃସିଂହ ଦାସ, ଲିଙ୍ଗରାଜ ସିଂ, ବିଦ୍ୟାଧର ସାହୁ, ବିକାଶ ଚନ୍ଦ୍ର ପଣ୍ଡା, ଖଗେଶ୍ୱର ସାମଲ, ପରିଚାଳନା ସମିତି ନିର୍ଦ୍ଦେଶକ ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୨୦୦ କୁଇଣ୍ଟାଲ ଧାନ କିଣା ଯାଇଥିବା ଲ୍ୟାମ୍ପସର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ହରିହର ଦାସ ସୂଚନା ଦେଇଛନ୍ତି।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ସଫେଇ

**ନୀଳଗିରି, ୨୩।୫(ସ୍ୱ.ପ୍ର.)**


ପଞ୍ଚଲିଙ୍ଗେଶ୍ୱର ଯାତ୍ରୀ ସୁରକ୍ଷା କମିଟି ପକ୍ଷରୁ ସଫେଇ କରାଯାଉଛି।

ବାଲେଶ୍ୱର ଜିଲା ନୀଳଗିରି ନିକଟ ପଞ୍ଚଲିଙ୍ଗେଶ୍ୱର ପୀଠ ହେଉଛି ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ। ପ୍ରତିଦିନ ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତଙ୍କ ସୁଅ ଛୁଟିଥାଏ। ଏହି ପରିପ୍ରେକ୍ଷୀରେ ପଞ୍ଚଲିଙ୍ଗେଶ୍ୱର ଯାତ୍ରୀ ସୁରକ୍ଷା କମିଟି ପକ୍ଷରୁ ଶୈବପୀଠରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ସୋମବାର ପୂର୍ବାହ୍ନରେ କମିଟି କର୍ମକର୍ତ୍ତା ମନ୍ଦିର ବେଢ଼ାଠାରୁ ଆରମ୍ଭ କରି ରାସ୍ତା, ବାହାରେ ପଡ଼ିଥିବା ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନାକୁ ଏକାଠି କରି ପୋଡ଼ିଥିଲେ। ପଞ୍ଚଲିଙ୍ଗେଶ୍ୱରର ପ୍ରାକୃତିକ ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ମନୋରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ପଞ୍ଚଲିଙ୍ଗେଶ୍ୱର ଯାତ୍ରୀ ସୁରକ୍ଷା କମିଟି ଏବଂ ସ୍ଥାନୀୟ ଦୋକାନୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଯାତ୍ରୀ ସୁରକ୍ଷା କମିଟି ସଭାପତି ସୁରେନ୍ଦ୍ର ଦାସ, ସମ୍ପାଦକ ସିଦ୍ଧାର୍ଥ ସେଠୀ, ରମଣୀ ରଞ୍ଜନ ଦାସ, ଗୌତମ ବେଜ, ରଞ୍ଜନ ପରିଡ଼ା, ବାସୁଦେବ ଜେନା, ବିନୋଦ ସେଠୀ, ଗୋବିନ୍ଦ ଦାସ, ମନୋଜ ପଣ୍ଡା, ଅନୀଲ ସେଠୀ, କରୁଣାକର ବେହେରା, ସାବିତ୍ରୀ ସିଂ ଓ ଅନେକ ସାଥୀ ମିଳିତ ହୋଇ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି କମିଟି ସଦସ୍ୟମାନେ କହିଛନ୍ତି। ସଫେଇ କାର୍ଯ୍ୟ ପରେ ୫୦୦ ଲୋକଙ୍କୁ ଅନ୍ନଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ଜଳେଶ୍ୱର, ୨୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ସୁବର୍ଣ୍ଣରେଖା ନଦୀକୂଳ ଗୋବରଘଟା ଗାଁର ମଣିତୋଷ ସାମଲ (୩୫) ଚିନାବାଦାମ କିଆରିରେ ମଞ୍ଜି ଅମଳ କରୁଥିବା ବେଳେ ଗତ ରବିବାର ଅପରାହ୍ନରେ ଏକ ସାପ କାମୁଡିଥିଲା। ପରିବାର ଲୋକେ ଏହା ଜାଣିପାରି ଜଳେଶ୍ୱର ଜିକେଭଟର ହସ୍‌ପିଟାଲକୁ ଆଣିଥିଲେ। ସେଠାରୁ ବାଲେଶ୍ୱର ଅଣାଯାଇଥିଲେ ମଧ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜଣେ ଚାଷୀ ଶସ୍ୟ ଅମଳ ବେଳେ ମୃତ୍ୟୁବରଣ କରିଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ଚନ୍ଦନ କର କୃଷି ବିଭାଗ ଓ ଜିଲାପାଳଙ୍କଠାରେ ଦାବି କରିଛନ୍ତି।

# ୫ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ

**ଗୋ ସୁରକ୍ଷା ବାହିନୀ କର୍ମକର୍ତ୍ତାଙ୍କୁ ଗୁଳିମାଡ଼ ଘଟଣା**

**ବାରିପଦା ଅଫିସ, ୨୩।୫**

ମୟୂରଭଞ୍ଜ ଜିଲା ଯଶିପୁରଠାରେ ଗୋ ସୁରକ୍ଷା ବାହିନୀ କର୍ମକର୍ତ୍ତାଙ୍କୁ ଗୁଳିମାଡ଼ ପ୍ରତିବାଦରେ ଗୋ-ରକ୍ଷକ ସମନ୍ୱୟ ସମିତି ଓ ଜିଲା ଭାଜପା ପକ୍ଷରୁ ସୋମବାର ୫ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଗୋ ଚାଲାଣକୁ ବନ୍ଦ କରିବା ସହିତ ଗୁଳିକାଣ୍ଡରେ ଜଡିତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ନେଇ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମସ୍ତ ବଜାର ବନ୍ଦ ରହିଥିବା ବେଳେ ଗାଡ଼ି ଚଳପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।



ଗୋରକ୍ଷକ ସମନ୍ୱୟ ସମିତି କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ

**ଖଇରା, ୨୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ହରିପୁର ପଞ୍ଚାୟତରେ ଡ୍ରେନେଜ ସମସ୍ୟା ଉତ୍କଟ ରୂପ ଧାରଣା କରିଥିବା ବେଳେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୋମବାର ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏବେ ହରିପୁର ଏବଂ ଦିଘି ଗ୍ରାମରୁ ଧୋବାଧୋବଣି ନାଳ ପର୍ଯ୍ୟନ୍ତ ସଂଯୁକ୍ତ ଡ୍ରେନ ଆବର୍ଜନା ଯୋଗୁ ପୋତି ହୋଇପଡିଥିବାରୁ ସାମାନ୍ୟ ବର୍ଷାରେ ଗ୍ରାମ ଜଳମଗ୍ନ ହୋଇପଡୁଛି । ଏଥିପାଇଁ ଗ୍ରାମବାସୀ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୫ଦିନ ମଧ୍ୟରେ ଡ୍ରେନ ପୁନରୁଦ୍ଧାର କରିବାକୁ ମନ୍ତ୍ରୀ ସହକାରୀ ଯନ୍ତ୍ରୀ ଜନ୍ମେଜୟ ଦତ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହରିପୁର ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରା ଉପସ୍ଥିତ ଥିଲେ। ଆଲୋଚନା ଅବସରରେ ମନ୍ତ୍ରୀ ପାଣିଗ୍ରାହୀ ପ୍ଲାଷ୍ଟିକ କାଠି କୁଟାକୁ ଡ୍ରେନରେ ନ ପକାଇ ଡଷ୍ଟବିନରେ ପକାଇବାକୁ ପରାମର୍ଶ ଦେଇଥିଲେ।


ଗ୍ରାମବାସୀ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଜାମ୍ ହୋଇଥିବା ଡ୍ରେନ ଦେଖାଉଛନ୍ତି।

# ଯୁକ୍ତ୨ ପରୀକ୍ଷା କେନ୍ଦ୍ର ନିର୍ଣ୍ଣୟରେ ନିୟମ ଉଲ୍ଲଂଘନ

**ଅସାଧୁ ଉପାୟକୁ ପ୍ରୋତ୍ସାହନ ଅଭିଯୋଗ**

**ବାରିପଦା ଅଫିସ, ୨୩।୫**

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଥିବା ଏକ ଘରୋଇ କଲେଜର ପରୀକ୍ଷା କେନ୍ଦ୍ର ନିର୍ଣ୍ଣୟକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଏହି କଲେଜର ପରୀକ୍ଷା କେନ୍ଦ୍ର ସ୍ଥିର କରାଯାଇଛି। ଅସାଧୁ ଉପାୟରେ ପ୍ରୋତ୍ସାହନ ଯୋଗାଇ କଲେଜର ଶତପ୍ରତିଶତ ସଫଳତା ଲକ୍ଷ୍ୟରେ ଏଭଳି ପ୍ରୟାସ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶତାଧିକ ଅଭିଭାବକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସଚିବ, ଉପସଚିବ, ପରୀକ୍ଷା ନିୟନ୍ତ୍ରକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଆଗାମୀ ପରୀକ୍ଷାରେ କେନ୍ଦ୍ରୀୟ ସ୍କ୍ୱାଡ୍ ମୁତୟନ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଉକ୍ତ ଘରୋଇ କଲେଜ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯାଇ ନିକଟସ୍ଥ ସରକାରୀ କଲେଜ ପରିବର୍ତ୍ତେ ୧୮ କି.ମି. ଦୂର ଏକ ଅଧିକୃତ ସରକାରୀ କଲେଜରେ ପରୀକ୍ଷା କେନ୍ଦ୍ର କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

ସ୍କୁଲ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତି ଅନୁଯାୟୀ ଯୁକ୍ତ୨ ଦ୍ୱିତୀୟ ବର୍ଷ ବାର୍ଷିକ ପରୀକ୍ଷା ଏପ୍ରିଲ ୨୮ରୁ ଆରମ୍ଭ ହୋଇ ଜୁନ ୪ତାରିଖରେ ଶେଷ ହେବ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ବିଜ୍ଞାନ, କଳା, ବାଣିଜ୍ୟ,ଓ ଧନ୍ଦାମୂଳକ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି। ଘରୋଇ, ଆବାସିକ ତଥା ସେଲଫ୍ ଫାଇନାନ୍ସିଂ କଲେଜ ଛାତ୍ରୀଛାତ୍ରମାନେ ନିକଟସ୍ଥ ସରକାରୀ କଲେଜ କିମ୍ବା ୪୮୮ବର୍ଗର ଅଧିଗୃହୀତ ତଥା ତଦୁର୍ଦ୍ଧ୍ୱ ବର୍ଗର କଲେଜରେ ପରୀକ୍ଷା ଦେବାର ନିୟମ ରହିଛି। ଏହି କ୍ରମରେ ମୟୂରଭଞ୍ଜ ଜିଲାର ୧୧ଟି କଲେଜ ମଧ୍ୟରୁ ୧୦ଟି କଲେଜର ଛାତ୍ରୀଛାତ୍ରମାନେ ନିକଟସ୍ଥ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ମାତ୍ର ବାରିପଦା ସ୍ଥିତ ଉକ୍ତ ଘରୋଇ କଲେଜର ୧୨୮ଜଣ ବିଜ୍ଞାନ ଓ କଳାର ୨୧ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ବାରିପଦା ପରିବର୍ତ୍ତେ ୧୮କି.ମି. ଦୂର ମୋରଡ଼ା ବ୍ଲକର ଏକ କଲେଜରେ ପରୀକ୍ଷା ଦେଉଛନ୍ତି। ପୂର୍ବ ବର୍ଷମାନଙ୍କରେ ସେହି କଲେଜର ଛାତ୍ରୀଛାତ୍ରମାନେ ୮କି.ମି. ଦୂର ବାରିପଦା ଏମ୍‌ପିସି ଜୁନିୟର କଲେଜ ବା ବାରିପଦା କଲେଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇ ଆଶାନୁରୂପ ସଫଳତା ପାଇ ନ ଥିଲେ। ତେବେ ବ୍ୟବସାୟିକ ପ୍ରତିଦ୍ୱନ୍ଦିତା ଦୃଷ୍ଟିରୁ ସର୍ବାଗ୍ରେ ରହିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଘରୋଇ କଲେଜ ପକ୍ଷରୁ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ପାଇଁ ବ୍ୟବସ୍ଥା କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାଦ୍ୱାରା ମେଧାବୀ ଛାତ୍ରୀଛାତ୍ର ପ୍ରଭାବିତ ହେବେ ବୋଲି ଅଭିଭାବକ ତପନ କୁମାର ମହାପାତ୍ର, ରାଜୀବ କୁମାର ନାଏକ, ଅଭିଳାଷ ପାତ୍ର ପ୍ରକାଶ କରିଛନ୍ତି।

ବାରିପଦା ସହରରେ ଥିବା ଦୁଇଟି ପରୀକ୍ଷା କେନ୍ଦ୍ରରେ ୭୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ସୁଯୋଗ ଥିବା ବେଳେ ଏହି ଘରୋଇ କଲେଜର ଛାତ୍ରୀଛାତ୍ରଙ୍କୁ ଦୂରବର୍ତ୍ତୀ କଲେଜରେ ପରୀକ୍ଷା ଦେବା ବ୍ୟବସ୍ଥା କରିବା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଥିବା କୁହାଯାଉଛି। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ବାରିପଦା ଶାଖାର ଉପ ସଚିବ ଜୟଦେବ ପରମାଣିକ କୁହନ୍ତି, ସମ୍ପୃକ୍ତ କଲେଜଟି ମୋରଡ଼ା ବ୍ଲକରେ ଥିବାରୁ ପରୀକ୍ଷା କେନ୍ଦ୍ର ବ୍ଲକ ମଧ୍ୟରେ ହିଁ କରାଯାଇଛି। ପରୀକ୍ଷା କେନ୍ଦ୍ର ନିଷ୍ପତ୍ତି ଶିକ୍ଷା ପରିଷଦ ଉପନିର୍ଦ୍ଦେଶକ ନିର୍ଣ୍ଣୟ କରିଥାନ୍ତି। ପରୀକ୍ଷାରେ କୌଣସି ଅସାଧୁ ଉପାୟକୁ ସୁଯୋଗ ଦିଆଯାଉନାହିଁ। ତେବେ ଫର୍ମ ପୂରଣ ସମୟରେ ଉକ୍ତ କଲେଜ ବାରିପଦାରେ ଅବସ୍ଥାପିତ ହେବାର ସୂଚନା ରହିଥିବା ବେଳେ ଅଧିକାରୀଙ୍କ ମନ୍ତବ୍ୟକୁ ନେଇ ଅଭିଭାବକ ମହଲରେ ସନ୍ଦେହ ଉପୁଜିଛି।

